ପହଲଗାମ ଆତଙ୍କୀ ଆକ୍ରମଣ ଘଟଣା

ରଞ୍ଜିତ ଭୋଳଙ୍କ ପରିବାରକୁ ଏନ୍‌ଆଇଏ ଟିମ୍‌ର ପଚରାଉଚରା

କଟକ(ବ୍ୟୁରୋ): କଟକରେ ଏନଆଇଏ ଟିମ୍। ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରତ୍ୟେକ୍ଷଦର୍ଶୀ ଥିବା କଟକ ଦେଉଳ ସାହିର ରଞ୍ଜିତ ଭୋଳକୁ ପଚରାଉଚରା କରିଛି ଏନଆଇଏ ଟିମ୍। ପ୍ରାୟ ଦେଢ ଘଣ୍ଟା କାଳ ରଞ୍ଜିତଙ୍କ ପରିବାରକୁ ପଚରାଉଚରା କରିଥିଲା ଟିମ୍। ମଙ୍ଗଳବାର ଏନଆଇଏର ୩ ଜଣିଆ ଟିମ କଟକର ଦେଉଳସାହିରେ ରହୁଥିବା ରଞ୍ଜିତଙ୍କ ଘରେ ପହଞ୍ଚି ପରିବାର ୩ ସଦସ୍ୟ ଯଥା ରଞ୍ଜିତ ଭୋଳ, ତାଙ୍କ ପତ୍ନୀ ଓ ପୁଅକୁ ପହଲଗାମ ଆତଙ୍କୀ ଆକ୍ରମଣ ସମ୍ପର୍କରେ ପଚାରି ବୁଝିଥିଲା। ପ୍ରାୟ ଦେଢ ଘଣ୍ଟା ଧରି ପଚରାଉଚରା କରିବା ପରେ ଭୁବନେଶ୍ୱର ଫେରି ଆସିଛି ଟିମ୍ । ଦୁଇ ଜଣ ଇନିସ୍ପେକ୍ଟର ରାଙ୍କର ଅଫିସର ଏବଂ ଅନ୍ୟ ଜଣେ ଏସ୍ପି ରାଙ୍କର ଅଫିସର ଏହି ଟିମରେ ସାମିଲ ଥିଲେ। ରଞ୍ଜିତଙ୍କ ପରିବାର ଲୋକ ଆତଙ୍କବାଦୀ ହମଲା ସମୟରେ ପ୍ରତ୍ୟକ୍ଷଦର୍ଶୀ ଥିଲେ। ସେଦିନ ଘଟଣା ସମ୍ପର୍କରେ ପଚାରି ବୁଝିଛି ଏନଆଇଏ ଟିମ୍। ଏହି ଟିମ କିଛି ସନ୍ଦିଗ୍ଧଙ୍କ ଫଟୋ ରଞ୍ଜିତଙ୍କ ପରିବାର ଲୋକଙ୍କୁ ଦେଖାଇଥିଲେ। ଏହି ସନ୍ଦିଗ୍ଧ ମାନଙ୍କୁ ସେମାନେ ଦେଖିଥିଲେ କି ନାହିଁ। କେଉଁ ଭାଷାରେ କଥା ହେଉଥିଲେ। ଆତଙ୍କୀ ମାନେ କେଉଁ ରଙ୍ଗର ଡ୍ରେସ ପିନ୍ଧିଥିଲେ। କଲମା ପଢିବାକୁ କହିଥିଲେ କି ନାହିଁ। ସେହି ସମୟରେ ଏମାନେ କଣ କହିଥିଲେ । କେତେ ଜଣ ଆତଙ୍କବାଦୀ ଆସିଥିଲେ ଅର୍ଥାତ କେତେଜଣ ଆତଙ୍କୀଙ୍କୁ ଏମାନେ ଦେଖିଥିଲେ। ରଞ୍ଜିତଙ୍କ ପତ୍ନୀ କେଉଁଠି ଆହତ ହେଲେ ଏବଂ କେଉଁ ପରିସ୍ଥିତିରେ ଆହତ ହେଲେ। ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଏନଆଇଏ ଟିମ ପଚରାଉଚରା କରିଥିଲେ। ପଚରାଉଚରା ପରେ ଟିମ ଭୁବନେଶ୍ୱର ଫେରିଯାଇଥିଲେ। ଗତ ଏପ୍ରିଲ ୨୨ରେ ଜମ୍ମୁ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲଗାମରେ ଆତଙ୍କୀ ଆକ୍ରମଣ ହୋଇଥିଲା। ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା କରିଥିଲେ ଆତଙ୍କୀ। ତେବେ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଛନ୍ତି। ସେଥିମଧ୍ୟରୁ ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ମଧ୍ୟ ପ୍ରାଣ ହରାଇଛନ୍ତି। ଘଟଣା ଦିନ କଟକ ଦୋଳସାହିର ରଞ୍ଜିତଙ୍କ ପରିବାର ପହଲଗାମରେ ଛୁଟି କାଟୁଥିଲେ। ସେମାନଙ୍କ ସାମ୍ନାରେ ଆତଙ୍କୀମାନେ ଅନ୍ୟଙ୍କୁ ହତ୍ୟା କରିବା ସହ କଲମା ପଢିବାକୁ କହିଥିବା ପୂର୍ବରୁ ରଞ୍ଜିତଙ୍କ ପରିବାର ଗଣମାଧ୍ୟମକୁ ଜଣାଇଥିଲେ। ତେବେ ସୌଭଗ୍ୟବଶତଃ ଏହି ପରିବାର ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲା। ଆଜି ଏହି ପ୍ରତ୍ୟେକ୍ଷଦର୍ଶୀଙ୍କୁ ଏନଆଇଏ ଟିମ୍ ପଚରା ଉଚରା କରିଛି। ପୂର୍ବରୁ ଏନଆଇଏ ଟିମ୍ ବାଲେଶ୍ୱର ଯାଇ ମୃତ ପ୍ରଶାନ୍ତଙ୍କ ପତ୍ନୀଙ୍କୁ ପଚରାଉଚରା କରିଥିଲା।

ଦସ୍ତଖତ ଯାଞ୍ଚ ପ୍ରକିୟା ଶେଷ

କାଏମ୍ ରହିଲା ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଗତ ଶୁକ୍ରବାର ୨୫ତାରିଖ ଦିନ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଏହି ବ୍ଲକର ୩୧ଜଣ ସରପଞ୍ଚ ଓ ସମିତିସଭ୍ୟ ସଭ୍ୟାମାନେ କରିଥିବା ଅନାସ୍ଥା ପ୍ରସ୍ତାବର ଦସ୍ତଖତ ଯାଞ୍ଚ କରାଯାଇଛି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦସ୍ତଖତ ଯାଞ୍ଚ କରାଯିବା ପାଇଁ ବିଡ଼ିଓ ଦ୍ୱିବେନ୍ଦୁ ଦାସଙ୍କ ଦ୍ୱାରା ସମ୍ପୃକ୍ତ ଜନପ୍ରତିନିଧି ମାନଙ୍କୁ ନୋଟିସ ତଲବ୍ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ କଟକ ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦସ୍ତଖତ ଯାଞ୍ଚ ପ୍ରକିୟା ଆରମ୍ଭ କରାଯାଇଥିଲା। ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀ ଗୀତା ଆଚାର୍ଯ୍ୟ ଙ୍କ ଉପସ୍ଥିତିରେ ୩୧ଜଣ ଜନପ୍ରତିନିଧିଙ୍କ ଦସ୍ତଖତକୁ ଯାଞ୍ଚ କରାଯାଇଥିବା ବେଳେ ସମସ୍ତଙ୍କର ଦସ୍ତଖତ ଠିକ୍ ରହିଥିବା ଜଣାଯାଇଛି । ଦସ୍ତଖତ ଯାଞ୍ଚ ପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ଅନାସ୍ଥା ପ୍ରସ୍ତାବକୁ କାଏମ ରଖାଯାଇଛି । ଖୁବ୍ ଶୀଘ୍ର ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ୍ ତାରିଖ ଧାର୍ଯ୍ୟ ହେବ ବୋଲି ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

ବାଲ୍ୟବିବାହ ନିଷେଧ ପାଇଁ ସଚେତନତା କାର୍ଯ୍ୟକ୍ରମ

ଜୟପୁର(ଅମୃତ ମିଡିଆ): ଜୟପୁର ବିକ୍ରମ ନଗର ପ୍ରାଥମିକ ବିଦ୍ୟାଳୟରେ ବାଲ୍ୟ ବିବାହ ନିଷେଧ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଜୟପୁର ଦ୍ୱାରା ଏହି ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲ୍ୟ ବିବାହ ମୁକ୍ତ ଓଡିଶା ଗଠନ କରିବା ପାଇ ସଚେତନ କରାଯାଇଥିଲା । ଏଠାରେ ଜୟପୁର ସିଡିପିଓ କାଞ୍ଚନ ପଣ୍ଡା, ଚାଇଲ୍ଡ ହେଲପ ଲାଇନର କୋଡିନେଟର ତପସ୍ୱିନୀ ପାଢୀ, ସୁପରଭାଇଜର ଲକ୍ଷ୍ମୀ ସେନାପତି, ପ୍ରମିଳା କର, ପୁଷ୍ପାଞ୍ଜଳି ଖୋସଲାଙ୍କ ସମେତ ଅଙ୍ଗନବାଡି କର୍ମୀ, ଆଶା କର୍ମୀମାନେ ଉପସ୍ଥିତ ଥିଲେ । ୧୮ ବର୍ଷରୁ କମ ବୟସ କିଶୋରୀ କୁ ବିବାହ ନ କରିବାକୁ ସଚେତନ କରାଯାଇଥିଲା।

ମିଥ୍ୟା ବିଲ୍ ହୋଇଥିବା ରାସ୍ତାର ତଦନ୍ତ ଆରମ୍ଭ

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଓରତି ପଞ୍ଚାୟତରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଅନୁଦାନରେ ୩ଲକ୍ଷ ଟଙ୍କାର ଏକ ଢଳେଇ

ରାସ୍ତା ନିର୍ମାଣ କରାଯାଇଥିବା ଦର୍ଶାଇ ମିଥ୍ୟା ବିଲ୍ କରାଯାଇ ଅର୍ଥ ଆତ୍ମସାତ୍ କରାଯାଇଥିଲା। ଏହି ରାସ୍ତା ପ୍ରକଳ୍ପ ର ନିର୍ମାଣର କାର୍ଯ୍ୟାଦେଶ ତତ୍କାଳୀନ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଥିଲା। ଏହି ପଞ୍ଚାୟତ ଅଧିନସ୍ଥ ମାଣିତ୍ରୀ ଗ୍ରାମର କଟିକଟା ଜୟପୁର ପୂର୍ତ୍ତବିଭାଗର ମୁଖ୍ୟ ରାସ୍ତା ଠାରୁ ମଳୟ ମହାନ୍ତି ଘର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ କରାଯିବା ପାଇଁ ଫାଇଲ ମଧ୍ୟ ଖୋଲାଯାଇଥିଲା। ହେଲେ ଏଠାରେ ପୂର୍ବରୁ ମଧ୍ୟ ଏକ ଢଳେଇ ରାସ୍ତା କରାଯାଇଥିଲା। ଉକ୍ତ ରାସ୍ତାକୁ ଦେଖାଇ ପୁର୍ନବାର ଏହି ରାସ୍ତାର ମିଥ୍ୟା ବିଲ୍ ହୋଇଥିବା ଜଣାପଡ଼ିବା ପରେ କେତେକ ବ୍ୟକ୍ତି ସୂଚନା ଅଧିକାର ଅଧିନିୟମରେ ତଥ୍ୟ ମାଗିଥିଲେ। ସୂଚନା ଅଧିକାର ତଥ୍ୟ ଅନୁଯାୟୀ ରାସ୍ତା ନିର୍ମାଣ ହୋଇଥିବା ଫାଇଲରୁ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଜଣାପଡ଼ିଥିଲା । ଏହି ଅଭିଯୋଗକୁ ଭିତ୍ତି କରି କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ଉଚ୍ଚସ୍ତରୀୟ କମିଟି ନିର୍ମାଣ ହୋଇଥିବା ଏହି ଢଳେଇ ରାସ୍ତାକୁ ଯାଞ୍ଚ କରିଛନ୍ତି । ଉକ୍ତ ରାସ୍ତାକୁ ଖୋଳି ଦେଖିବା ସହିତ ସ୍ଥାନୀୟ ଲୋକମାନଙ୍କର ମତାମତ ନେବା ଏବଂ ଅଭିଯୋଗକାରୀ ମାନଙ୍କର ବିଭିନ୍ନ ତଥ୍ୟ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛନ୍ତି । କଟକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ଦାସଙ୍କ ନେତୃତ୍ୱରେ ଜିଲ୍ଲା ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ଖୁଣ୍ଟିଆଙ୍କ ସହ ଅନ୍ୟମାନେ ଏଠାରେ ପହଞ୍ଚି ଅଭିଯୋଗର ତଦନ୍ତ କରିଥିଲେ । ଏହି ତଦନ୍ତ ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷା ଦାବିରେ ଶ୍ରମିକ ସଂଘର ବିକ୍ଷୋଭ

ପାରାଦୀପ(ଅମୃତ ମିଡିଆ): ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ (ଏଏମଏନଏସ) ଇଣ୍ଡିଆ କମ୍ପାନୀରେ କାର୍ଯ୍ୟ କରୁଥିବା ହଜାରରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘର ସଭ୍ୟ ଥିବାବେଳେ ପ୍ରକାଶ ତ୍ରିପାଠୀ ଏହି ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଦାବିପତ୍ର ଦେବା ସହିତ ଏ ସମ୍ପର୍କରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଓଡ଼ିଶାର ଶିଳ୍ପ ନୀତିକୁ ମାନିବାକୁ ନାରାଜ। ସଂଘର କହିବା ଅନୁଯାୟୀ ପାରାଦୀପ ଶିଳ୍ପାଞ୍ଚଳରେ ଥିବା ସମସ୍ତ ଶିଳ୍ପ ସଂସ୍ଥାରେ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଗଠିତ ଶ୍ରମିକ ସଂଘକୁ ଶିଳ୍ପ ସଂସ୍ଥାମାନେ ମାନ୍ୟତା ଦେଉଛନ୍ତି। ଯାହାକି ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଶିଳ୍ପ ସଂସ୍ଥା ମାନେ ଶ୍ରମିକ ସଂଘ ସହ ଆଲୋଚନା କରି ସମସ୍ୟା ସମାଧାନ କରିବା ସହିତ ଶ୍ରମିକମାନେ ମଧ୍ୟ ସଂଘ ଦ୍ୱାରା ତାଙ୍କ ସମସ୍ୟାର ସମାଧାନ କରିଥାନ୍ତି। ଏହାଦ୍ୱାରା ଶ୍ରମିକ ଓ ଶିଳ୍ପ ସଂସ୍ଥାମାନଙ୍କ ପାଇଁ ସହଜ ହୋଇଥାଏ। ତେବେ ୮ ମାସରୁ ଊର୍ଦ୍ଧ୍ୱ ହେବ ପୂର୍ବ ଉପକୂଳ ଶ୍ରମିକ ସଂଘ ଏଏମଏନଏସକୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବାକୁ ଚାହୁଁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ୟୁନିଅନ ସହିତ ଆଲୋଚନା କରିବା ପାଇଁ ରାଜି ହେଉନାହିଁ। ଯେଉଁଥିପାଇଁ ବାରମ୍ବାର ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ପରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନଥିବା ରୁ ଶେଷରେ ସଂଘ ବାଧ ହୋଇ ଗତ ୨୮ ତାରିଖ ସୋମବାର ଠାରୁ କମ୍ପାନୀ ଫାଟକ ଆଗରେ ଦୁଇଦିନ ଧରି ଘଣ୍ଟିକିଆ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବ ଏବଂ ତାପରେ ଘଣ୍ଟିକିଆ ଶାନ୍ତିପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାପରେ ପ୍ରଶାସନ କିମ୍ବା କମ୍ପାନୀ କର୍ତ୍ତୃପକ୍ଷ ଯଦି ସମାଧାନ ନ କରନ୍ତି, ତାହା ହେଲେ ସଂଘ ଅଲଗା ତରିକା ଆପଣେଇବାକୁ ବାଧ୍ୟ ହେବ ବୋଲି ଶ୍ରମିକ ନେତା ତଥା ସଂଘ ସଭାପତି ପ୍ରକାଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି । ଚାଲିଥିବା ଏହି ପ୍ରତିବାଦ ସଭାରେ ହଜାର ହଜାର ଶ୍ରମିକ ଯୋଗ ଦେଉଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଶ୍ରମିକନେତା ଅଭିମନ୍ୟୁ ବେହେରା ଓ ସମ୍ପାଦକ ରତ୍ନାକର ଜେନା ଉପସ୍ଥିତ ରହି ଶ୍ରମିକମାନଙ୍କୁ ଉତ୍ସାହିତ କରିବା ସହିତ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ବିଜେପି ନେତା ସୁମନ୍ତଙ୍କ ଆଲୋଚନା

ସାଲେପୁର (ଅମୃତ ମିଡିଆ): ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡେଇ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସମସ୍ତ ୬୪ଟି ପଂଚାୟତରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଆସୁଥିବା ବିଭିନ୍ନ ଯୋଜନା ଗୁଡିକରେ ଉପୁଜୁଥିବା ସମସ୍ୟାର ସମାଧାନ ନିମନ୍ତେ ଶ୍ରୀ ଘଡେଇ ମନ୍ତ୍ରୀ ଶ୍ରୀଯୁକ୍ତ ନାୟକଙ୍କ ସହ ଆଲୋଚନା କରିଥିଲେ। ବିଭାଗ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ତୁରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ନାୟକ ସୁମନ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

‘ଶିମିଳିପାଳର ୧୦ କିମି ଅଞ୍ଚଳକୁ ଇକୋ ସେନ୍‌ସେଟିଭ ଜୋନ୍ ଘୋଷଣା କରାଯାଉ’

ବାରିପଦା(ଅମୃତ ମିଡିଆ): ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ସହିତ ଜୈବ ମଣ୍ଡଳ ପରିବେଶକୁ ସନ୍ତୁଳିତ ରଖିବା ପାଇଁ ୨୭୫୦ ବର୍ଗ କିଲୋମିଟର ବ୍ୟାସାର୍ଦ୍ଧ ଥିବା ଶିମିଳିପାଳ ଜୈବମଣ୍ଡଳ ପରିଧି ସହିତ ଚତୁପାର୍ଶ୍ୱରେ ଆଉ ୧୦ କିମି ଅଞ୍ଚଳ ସଂଲଗ୍ନ କରି ଇକୋ ସେନସିଟିଭ ଜୋନ ଭାବେ ତୁରନ୍ତ ଘୋଷଣା କରିବାକୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଭାରତ ବର୍ଷର ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟ ଜଙ୍ଗଲ ପରିବେଶ ବିଭାଗକୁ ଏକ୍କ ଯୋଗେ ନିବେଦନ କରିଛନ୍ତି। ସେହିପରି ଭଞ୍ଜସେନାର ପ୍ରତିଷ୍ଠାତା ଶ୍ରୀ ଜେନା ଓଡ଼ିଶା ଜଙ୍ଗଲ ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କୁ ତାଙ୍କ ଯଶିପୁର ସ୍ଥିତ ବାସଭବନ ଠାରେ

ଭେଟି ଶିମିଳିପାଳ ଜାତୀୟ ଉଦ୍ୟାନ ମାନ୍ୟତା ପାଇ ପାରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଅବସରରେ ଯେଉଁ ୮୪୫ ବର୍ଗ କିଲୋମିଟର ଜାତୀୟ ଉଦ୍ୟାନ ଘୋଷଣା କରାଯାଇଛି, ତାର ପରିସୀମା ବୃଦ୍ଧି କରିବା, ଶିମିଳିପାଳରେ ପଶୁପକ୍ଷୀ ଶିକାର, ଅବାଧ ଗଛକଟାକୁ ସମ୍ପୂର୍ଣ୍ଣ ରୋକା ଯିବା, ବାଘ ସଂଖ୍ୟା ବୃଦ୍ଧି ପାଇଁ ସରକାରୀ ସ୍ତରରେ ଯେଉଁ ଯୋଜନା ହେଉଛି ତାକୁ କ୍ରିୟାଶୀଳ କରିବା, ଶିମିଳିପାଳରୁ ବାହାରିଥିବା ଚିରସ୍ରୋତା ନଦୀ ଗୁଡ଼ିକୁ ପୂର୍ବ ଅବସ୍ଥାକୁ ଫେରାଇବା ପାଇଁ ସରକାରୀ ସ୍ତରରେ ପ୍ରୟାସ କରିବା, ଅଭ୍ୟାସ ଗତ ଶିକାରୀଙ୍କୁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ କରିବା ଆଦି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଦକ୍ଷିଣା ମହାନ୍ତ, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ପ୍ରଶାସନିକ ପ୍ରସ୍ତୁତି

ଶନିଶ୍ଚର ଦେବଙ୍କ ଯଜ୍ଞ ଓ ଜଳାଭିଷେକ ଯାତ୍ରା

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): ନିଶ୍ଚିନ୍ତକୋଇଲି ସ୍ଥିତ ଶ୍ୱେତବଟ ଠାରେ ପୂର୍ବରୁ ଥିବା ଗ୍ରହରାଜ ଶନିଶ୍ଚରଦେବଙ୍କ ବିଗ୍ରହକୁ ପରିବର୍ତ୍ତନ କରି ମୁଗୁନି ପଥର ନିର୍ମିତ ନୂତନ ବିଗ୍ରହ ପ୍ରତିଷ୍ଠା ଓ ନବନିର୍ମିତ ନୂତନ ମନ୍ଦିର ପ୍ରତିଷ୍ଠା , ବାର୍ଷିକ ଶନିଶ୍ଚର ଗ୍ରହ ଯଜ୍ଞ ଏବଂ ଜଳାଭିଷେକ ଯାତ୍ରା ଆସନ୍ତା ୩ତାରିଖ ଶନିବାର ଦିନ ସମାରୋହରେ ଅନୁଷ୍ଠିତ ହେବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କର ସମାଗମକୁ ଲକ୍ଷ୍ୟ କରି ତହସିଲ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ତହସିଲଦାର ଅନିତା ନାୟକଙ୍କ ପୌରହିତ୍ୟରେ ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ସାମ୍ବାଦିକ ମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଛନ୍ତି । ଶ୍ୱେତବଟ ପୀଠରେ ଗୁରବାର ଦିନ ଶୁଭାଧିବାସ କରାଯାଇ ମନ୍ଦିର ପ୍ରତିଷ୍ଠା ଓ ଶନିଶ୍ଚର ମହାଦେବଙ୍କ ସହ ସମସ୍ତ ଗ୍ରହରାଜଙ୍କ ବିଗ୍ରହ ସ୍ଥାପନ କରାଯିବା ପରେ ଶୁକ୍ରବାର ଠାରୁ ସୋମବାର ପର୍ଯ୍ୟନ୍ତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବ। ଏହା ସହିତ ଶନିବାର ଦିନ ଶନିଶ୍ଚର ମହାଦେବଙ୍କର ଜଳାଭିଷେକ ଓ ତୈଳାଭିଷେକ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଭକ୍ତମାନଙ୍କ ଦ୍ୱାରା ଜଳାଭିଷେକ ନିମନ୍ତେ ଜଳର ବ୍ୟବସ୍ଥା କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳାର ସହ ଜଳା ଢାଳିବା ପାଇଁ ବାରିକେଟର ବ୍ୟବସ୍ଥା ହୋଇଛି । ପୋଲିସ ପକ୍ଷରୁ ଶୃଙ୍ଖଳା ରକ୍ଷା କରାଯିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଭକ୍ତମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ଓ ତୃଷାର୍ତ୍ତ ଭକ୍ତମାନଙ୍କ ପାଇଁ ଜଳପାନ ବ୍ୟବସ୍ଥା ମଧ୍ୟ ହୋଇଛି । ଯାତ୍ରା ସମୟରେ ବିଦ୍ୟୁତ୍ କାଟ ନକରିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପରାମର୍ଶ ମଧ୍ୟ ଦିଆଯାଇଛି । ତହସିଲ କାର୍ଯ୍ୟାଳୟର ବରିଷ୍ଠ ମନୋରଂଜନ ପଣ୍ଡାଙ୍କ ସଂଯୋଜନାରେ ଏହି ବୈଠକରେ ସନ୍ଥ ନିର୍ମଳଚନ୍ଦ୍ର ମିଶ୍ର ଶର୍ମା, ଶ୍ୱେତବଟ ମହନ୍ତ ନିତ୍ୟାନନ୍ଦ ଦାସ ମହାରାଜ, କ୍ଷୀରୋଦ ପଣ୍ଡା, ନିତ୍ୟାନନ୍ଦ ମହାପାତ୍ର, ଗୋଲଖ ପରିଡ଼ା, ଅଶୋକ ମହାପାତ୍ର, ଅକ୍ଷୟ କୁମାର ପୁହାଣ, କନିଷ୍ଠ ଯନ୍ତ୍ରୀ ଜ୍ଞାନରଂଜନ ମିଶ୍ର, ମୁକେଶ କୁମାର ରାଉତ, ସରୋଜ ସାହୁ, ଜୟ ମଙ୍ଗଳଦୀପ ସ୍ୱାଇଁ, ଅଶୋକ ପଣ୍ଡା, ଜ୍ଞାନରଂଜନ ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ସହର ଉପକଣ୍ଠ ଆଇନ ମହାବିଦ୍ୟାଳୟ ସରଣୀସ୍ଥିତ ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନ ସଭାଗୃହରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । କେନ୍ଦ୍ରାପଡ଼ା ବିଧାୟକ

ଗଣେଶ୍ୱର ବେହେରା ଜୟନ୍ତୀ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମଧୁବାବୁଙ୍କୁ ଓଡିଆ ଅସ୍ମିତାର ଅଗ୍ରଧାବକ ରୂପେ ଅଭିହିତ କରିଥିଲେ। ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ସର୍ବୋଦୟ ମଣ୍ଡଳ ରାଜ୍ୟ ସଭାପତି ମିହିର ପ୍ରତାପ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ମଧୁବାବୁଙ୍କୁ ଗାନ୍ଧିଜୀଙ୍କ ଅର୍ଥନୈତିକ କାର୍ଯ୍ୟସୂଚୀର ମାର୍ଗଦର୍ଶକ ଭାବେ ଅଭିହିତ କରିଥିଲେ। ଶିକ୍ଷାବିତ୍ ପ୍ରାଧ୍ୟାପକ ମୋହନ ଚରଣ ଜେନା ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସଂଗଠନର ଜିଲ୍ଲା ସମ୍ପାଦକ ଡ. ବାସୁଦେବ ଦାସ ଓ ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ଅଜୟ ସାମଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରତିଷ୍ଠାନର ସମ୍ପାଦକ ମହେନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ, ଆଦିକନ୍ଦ ରାଉଳ ଅତିଥି ପରିଚୟ ଓ ଶୈଳଜା ଶଙ୍କର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ର ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଗାଳ୍ପିକା ଅବନ୍ତୀ ବେହେରା, ରବୀନ୍ଦ୍ର ପ୍ରସାଦ ଜେନା, ରମଣୀ ରଞ୍ଜନ ରାଉତରାୟ, ମୁକ୍ତାର ଖାଁ, ନୃସିଂହ ତ୍ରିପାଠୀ, ରଣଧୀର ଜେନା, ରଞ୍ଜନ ବାଇ, ଅଶୋକ ସାହୁ, ଗୌରାଙ୍ଗ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

ଡିଲର ଉଚ୍ଛେଦ ନେଇ ଗ୍ରାମବାସୀଙ୍କ ରାସ୍ତାରୋକ୍

ହିନ୍ଦୋଳ(ଅମୃତ ମିଡିଆ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଯୋଗାଣବିଭାଗ ସହ ବିଭିନ୍ନ ବିଭାଗ ଏବେ ରାଜନୈତିକ ପଶାପାଲିରେ। ଦଳୀୟ ଆଧାରରେ ହେଉ କି ଅନ୍ୟ କୌଣସି କାରଣରେ ହେଉ ବିଭାଗ ଦ୍ୱାରା ୧୯ ଟି ରାସନ ମାମଗ୍ରୀ ଯୋଗାଉ ଥିବା ଡିଲରଙ୍କୁ ଉଚ୍ଛେଦ କରାଯାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏଥିପାଇଁ ଉପଖଣ୍ଡର ବିଭିନ୍ନ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ଦଣ୍ଡିରୀ ଓ ଅସରଡ଼ା ପଞ୍ଚାୟତରେ ଡିଲର ଉଚ୍ଛେଦକୁ ନେଇ ହିନ୍ଦୋଳ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ହରତାଳ କରାଯାଇଥିଲା। ଏବେ ଉପଖଣ୍ଡର ବ୍ରହ୍ମପୁର ଗ୍ରାମରେ ଡିଲର ଉଚ୍ଛେଦକୁ ନେଇ ମଧ୍ୟ ଶତାଧିକ ଅସନ୍ତୁଷ୍ଟ ଗ୍ରାମବାସୀ ବାଲିମି ଠାରୁ ବାବନ୍ଧ ରାସ୍ତାକୁ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଥିଲା। ବ୍ରହ୍ମପୁର ଗ୍ରାମରେ ଦୀର୍ଘ ଦିନ ହେବ

ଶକ୍ତିସମଲେଶରୀ ଗୋଷ୍ଠୀଙ୍କ ଦାୟିତ୍ୱରେ ଗ୍ରାମବାସୀଙ୍କୁ ରାସନ ସାମଗ୍ରୀ ଯୋଗାଇ ଦିଆଯାଉଥିଲା। ଗ୍ରାମବାସୀଙ୍କ କହିବାକଥା କି ରାଜନୈତିକ ବିବାଦରୁ ଆମ୍ଭଗ୍ରାମରେ ଦୀର୍ଘଦିନରୁ ରାସନ ସାମଗ୍ରୀ ଦେଇଆସୁଥିବା ଡିଲରଙ୍କୁ ଯୋଗାଣ ବିଭାଗ ଦ୍ୱାରା ଗ୍ରାମବାସୀଙ୍କ ଅଜ୍ଞାତରେ ଉଚ୍ଛେଦ କରାଯାଇଛି। ଗ୍ରାମଠାରୁ ୪ କିଲୋମିଟର ଦୂର ଭିଙ୍ଗିରା ଗ୍ରାମରୁ ବ୍ରହ୍ମପୁର ଗ୍ରାମବାସୀ ନିଜର ରାସନ ସାମଗ୍ରୀ ଆଣିବା ପାଇଁ ହିନ୍ଦୋଳ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ହିନ୍ଦୋଳ ଏକ ହାତୀ, ବନ୍ୟଜନ୍ତୁ ଅଧ୍ୟୁଷିତ ଅଂଚଳ ହୋଇଥିବାବେଳେ ଗ୍ରାମବାସୀ ୪ କିଲୋମିଟର ରାସ୍ତା ପାରହୋଇ କିପରି ଭିଙ୍ଗିରା ଗ୍ରାମରୁ ରାସନ ସାମଗ୍ରୀ ଆଣିବେ ତାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଗତକାଲି ସକାଳୁ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ରାସ୍ତା ଉପରେ ପଥର ରଖି ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୫ ଘଣ୍ଟା ପରେ ହିନ୍ଦୋଳ ଯୋଗାଣ ଅଧିକାରୀ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ତୁମ ଗ୍ରାମରେ ପୁନର୍ବାର ରାସନ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଯାଇ ଉତ୍ୟକ୍ତ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ଏବଂ ରାସ୍ତା ଅବରୋଧ ହଟିଥିଲା। ଏ ସମ୍ପର୍କରେ ହିନ୍ଦୋଳ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି କିଛି ଗ୍ରାମବାସୀଙ୍କ ଅଭିଯୋଗ ଓ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ରହ୍ମପୁର ଗ୍ରାମରେ ପୂର୍ବରୁ ରାସନ ସାମଗ୍ରୀ ଦେଉଥିବା ଗୋଷ୍ଠୀଙ୍କୁ ବାଦ ଦିଆଯାଇଛି। ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ତେବେ କାହା ଚାପରେ ହିନ୍ଦୋଳ ଯୋଗାଣ ବିଭାଗ ଚେପା ହୋଇଯାଇଛି । ତାକୁ ନେଇ ଏବେ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।